# NATIONAL NEWS BULLETIN (ODIA)
## 6 August - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ 'କମ୍ପାନିୟନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି'ରେ ସମ୍ମାନିତ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ବାଂଲାଦେଶରେ ଅଶାନ୍ତ ପରିସ୍ଥିତି ସତ୍ତ୍ୱେ ସେଠାକାର ଭାରତୀୟଙ୍କ ସହ ନିୟମିତ ଯୋଗାଯୋଗ ରକ୍ଷା କରାଯାଇଛି ବୋଲି କହିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

- ଦେଶର କୌଣସି ବୃହତ ବନ୍ଦରକୁ ଘରୋଇକରଣ କରାଯାଇ ନାହିଁ, ସ୍ପଷ୍ଟ କଲେ ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ।

- ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ମାଧ୍ୟମରେ ୨୭ଟି ନିର୍ମାଣ ଓ ସେବା କ୍ଷେତ୍ରରେ ଦେଶବାସୀ ହୋଇଛନ୍ତି ଉପକୃତ, ସୂଚନା ଦେଲେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ।

ଏବଂ

- ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ହକି ପ୍ରତିଯୋଗିତାର  ସେମିଫାଇନାଲରେ ଆଜି ଭାରତ-ଜର୍ମାନୀ ମୁକାବିଲା ।

## ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଫିଜି ରାଷ୍ଟ୍ରପତି ୱିଲିୟମେ କାଟୋନିଭେରେ 'କମ୍ପାନିୟନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି' ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ଫିଜି ସାମରିକ ବାହିନୀ ପକ୍ଷରୁ ତାଙ୍କୁ ଶୁଭା ଠାରେ ଗାର୍ଡଅଫ୍ ଅନର ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ସିତିଭେନି ରେବୁକାଙ୍କ ଉପସ୍ଥିତିରେ ଏକ ସ୍ୱାଗତ  ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା ।

## ପିଏମ୍-ପ୍ରେଜ୍ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ  ଫିଜିର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି,

ଏହି ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନେତୃତ୍ୱକୁ ମାନ୍ୟତା ପ୍ରଦାନ କରିଛି ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିପାରିଛି ।

ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଜିର ସୁବାରେ ଭାରତ ସହାୟତାରେ ନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶାଲିଟି କାର୍ଡିଓଲୋଜି ହସ୍ପିଟାଲକୁ ଫିଜି ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିଜିରେ ଭାରତୀୟ ସମୁଦାୟଙ୍କ ଦ୍ୱାରା ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରିବା ଅବସରରେ ଦେଶର ବିକାଶରେ ଭାରତୀୟ ବଂଶୋଦ୍ଭବ ମାନଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରିଛନ୍ତି । ଶ୍ରୀମତୀ ମୁର୍ମୁ ବିଶ୍ୱର ଯେକୌଣସି ସ୍ଥାନରେ ରହୁଥିବା ଭାରତୀୟମାନେ ଦେଶର ସଂସ୍କୃତି ଏବଂ ମୂଲ୍ୟବୋଧକୁ ବଜାୟ ରଖିବା ସହ ଅନ୍ୟ ଦେଶର ସଂସ୍କୃତି ସହ ଖାପଖୁଆଇ ଚଳିବାର ଅନନ୍ୟ ପରମ୍ପରାକୁ ଉଚ୍ଚ ପ୍ରଶଂଶା କରିଛନ୍ତି । ସେ କହିଛନ୍ତି ଭାରତ ଏବଂ ଫିଜି ମଧ୍ୟରେ ଐତିହାସିକ ସମ୍ପର୍କ ରହିଛି ଏବଂ ଉଭୟ ଦେଶ ବିଶ୍ୱର ଉନ୍ନତିକଳ୍ପେ ସ୍ୱର ଉତ୍ତୋଳନ କରିଛନ୍ତି ।

## ଜୟଶଙ୍କର-ବାଂଲାଦେଶ

ଭାରତ ପଡ଼ୋଶୀ ବାଂଲାଦେଶରେ ଅଶାନ୍ତ ପରିସ୍ଥିତି ସତ୍ତ୍ୱେ ଭାରତ କୂଟନୈତିକ ଅଭିଯାନ ଜରିଆରେ ସେଠାକାର  ଭାରତୀୟ ନାଗରିକଙ୍କ

ସହ ନିୟମିତ ଯୋଗାଯୋଗରେ ଅଛି । ବାଂଲାଦେଶ ସ୍ଥିତି ସମ୍ପର୍କରେ ସଂସଦର ଉଭୟ ଗୃହରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ ପ୍ରାୟ ୯ ହଜାର ବିଦ୍ୟାର୍ଥୀଙ୍କ ସମେତ ୧୯ ହଜାର ଭାରତୀୟ ନାଗରିକ ବାଂଲାଦେଶରେ ଅଛନ୍ତି ।

ସେ କହିଛନ୍ତି, ଢାକା ସ୍ଥିତ ହାଇ କମିଶନ୍‌ଙ୍କ ପରାମର୍ଶ କ୍ରମେ ଗତ ମାସରେ ଭାରତକୁ ସେଠାରେ ରହୁଥିବା ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଡକ୍ଟର ଜୟଶଙ୍କର କହିଛନ୍ତି, ନୂଆଦିଲ୍ଲୀ' ବାଂଲାଦେଶ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛି । ବିଭିନ୍ନ ଗୋଷ୍ଠୀ ଏବଂ ସଂଗଠନ ପକ୍ଷରୁ ସେଠାରେ ରହୁଥିବା ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ କୁହାଯାଇଛି । ଭାରତ ସେହିସବୁକୁ ସ୍ୱାଗତ କରୁଛି ଏବଂ ବାଂଲାଦେଶରେ ଆଇନ୍ ଶୃଙ୍ଖଳା ସ୍ଥିତି ଫେରି ଆସିବା ପର୍ଯ୍ୟନ୍ତ ଭାରତ ସତର୍କତା ଅବଲମ୍ବନ କରିବ ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ଭାରତୀୟ ସୀମା ସୁରକ୍ଷା ବାହିନୀକୁ ମଧ୍ୟ ସତର୍କତା ଅବଲମ୍ବନ କରିବା ପାଇଁ କୁହାଯାଇଛି ।

ଶ୍ରୀ ଜୟଶଙ୍କର କହିଛନ୍ତି, ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସୁରକ୍ଷା ଦୃଷ୍ଟିକୋଣରୁ ତାଙ୍କ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କୁ ଭାରତକୁ ଆସିବା ଲାଗି କୁହାଯାଇଥିଲା ଏବଂ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀରେ ଶେଖ୍ ହାସିନା ମଧ୍ୟ ପହଞ୍ଚି ଥିଲେ । ଗତ ୨୪

ଘଣ୍ଟା ମଧ୍ୟରେ ଢାକା କର୍ତ୍ତୃପକ୍ଷଙ୍କ ସହ ଭାରତ ନିୟମିତ ଯୋଗାଯୋଗରେ ରହିଛି । ବାଂଲାଦେଶର ସେନା ମୁଖ୍ୟ ଜେନେରାଲ୍ ଓ୍ୱାକର୍ ଉଜ୍ ଜମା ଦେଶ ଉଦ୍ଦେଶ୍ୟରେ ଗତକାଲି ଉଦ୍‌ବୋଧନ ଦେଇ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ସମ୍ପର୍କରେ ମତପ୍ରଦାନ କରିଛନ୍ତି । ଢାକାରେ ହାଇକମିଶନ୍ ଥିବା ବେଳେ ଚିଟ୍ଟାଗଙ୍ଗ୍, ରାଜସାହି, ଖୁଲାନା ଏବଂ ସିଲହେଟ୍ ଠାରେ ଉପ-ହାଇକମିଶନ୍‌ର ରହିଛନ୍ତି । ବାଂଲାଦେଶ ସରକାର ଖୁବ୍ ଶୀଘ୍ର ସେଠାରେ ସୁରକ୍ଷା ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇପାରିବେ ବୋଲି ଭାରତ ଆଶା ପ୍ରକାଶ କରୁଥିବା ଶ୍ରୀ ଜୟଶଙ୍କର କହିଛନ୍ତି ।

## ଇଣ୍ଡିଆ-ୟୁକେ ଆଡ୍‌ଭାଇଜରି

ବ୍ରିଟେନ୍‌ର ସାମ୍ପ୍ରତିକ ଅଶାନ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲଣ୍ଡନ ସ୍ଥିତ ଭାରତୀୟ ହାଇକମିଶନ୍ ପକ୍ଷରୁ ସେହି ଦେଶକୁ ଯାତ୍ରା ସମୟରେ ଭାରତୀୟ ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ମାର୍ଗଦର୍ଶିକା ଜାରି କରାଯାଇଛି । ଭାରତରୁ ଯାତ୍ରା କରୁଥିବା ଲୋକମାନେ ସ୍ଥାନୀୟ ସୁରକ୍ଷା ସଂସ୍ଥା ଜରିଆରେ ସେଠାକାର ସ୍ଥାନୀୟ ସମ୍ବାଦ ଏବଂ ମାର୍ଗଦର୍ଶିକା ସମ୍ବନ୍ଧରେ ଅବଗତ ହେବା ଜରୁରୀ ବୋଲି ପରାମର୍ଶ ଦିଆଯାଇଛି । ଲଣ୍ଡନ

ସ୍ଥିତ ଭାରତୀୟ ହାଇକମିଶନ୍ ସେଠାକାର ପରିସ୍ଥିତି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ।

## ଆର୍‌ଏସ୍ ପୋର୍ଟ୍‌ସ

ସରକାର କହିଛନ୍ତି, ଦେଶରେ କୌଣସି ବୃହତ ବନ୍ଦରକୁ ଘରୋଇ କରଣ କରାଯାଇ ନାହିଁ ଏବଂ ବନ୍ଦର ଗୁଡ଼ିକର ଜମି ମାଲିକାନା ସରକାରଙ୍କ ହାତରେ ଏବେବି ରହିଛି । ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ବନ୍ଦର ଗୁଡ଼ିକର ଘରୋଇ କରଣ ଏବଂ କାର୍ଯ୍ୟଦକ୍ଷତା ସମ୍ପର୍କରେ ସୂଚନା ଦେଇ ଏହା କହିଛନ୍ତି । ଘରୋଇ ରାଷ୍ଟ୍ରାୟତ ଭାଗିଦାରୀତା ମାଧ୍ୟମରେ ବୃହତ ବନ୍ଦର ଗୁଡ଼ିକରେ ଘରୋଇ କ୍ଷେତ୍ର ଅଂଶଗ୍ରହଣକୁ ଅନୁମତି ପ୍ରଦାନ କରାଯାଇଛି । ଶ୍ରୀ ସୋନଓ୍ୱାଲ୍ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନରେ ୧୨ଟି ବୃହତ ବନ୍ଦର ରହିଛି ଏବଂ ରାଜ୍ୟ ସାମୁଦ୍ରିକ ବୋର୍ଡ୍ ଅଧୀନରେ ୨୧୭ଟି ଅଣ-ବନ୍ଦର ପରିଚାଳିତ ହେଉଛି ।

## ଏଲ୍‌ଏସ୍‌-ମେକ୍‌ଇନ୍ ଇଣ୍ଡିଆ

ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ମହାକାଶ ବିଜ୍ଞାନ, ପ୍ରତିରକ୍ଷା, ସ୍ୱୟଂଚାଳିତ ଯାନ, ବାୟୋଟେକ୍ନୋଲୋଜି, ବୟନ, ପୋଷାକ, ପର୍ଯ୍ୟଟନ, ଶିକ୍ଷା ସେବା ଆଦି ୨୭ଟି ନିର୍ମାଣ ଏବଂ ସେବା କ୍ଷେତ୍ର ମାଧ୍ୟମରେ ଦେଶବାସୀ ଉପକୃତ ହୋଇପାରିଛନ୍ତି । ଲୋକସଭାରେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି । ୨୦୧୪ ମସିହା ସେପ୍ଟେମ୍ବର ୨୫ ତାରିଖରେ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଆରମ୍ଭ କରାଯାଇଥିଲା । ପୁଞ୍ଜିବିନିଯୋଗ, ଅଭିନବତ୍ୱକୁ ତ୍ୱରାନ୍ୱିତ କରିବା, ଭିତ୍ତିଭୂମି ବିକାଶ ଏବଂ ଭାରତକୁ ନିର୍ମାଣ କ୍ଷେତ୍ରରେ ଏକ କେନ୍ଦ୍ର ସ୍ଥଳରେ ପରିଣତ କରିବା ଲକ୍ଷ୍ୟ ନେଇ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ବାରାଣାସି କୋଲାପ୍ସ

ବାରାଣାସି ସ୍ଥିତ କାଶୀ ବିଶ୍ୱନାଥ ମନ୍ଦିର ନିକଟବର୍ତ୍ତୀ ସ୍ଥାନରେ ଆଜି ଦୁଇଟି କୋଠା ଭୁଶୁଡ଼ି ପଡ଼ିବା ଫଳରେ ଜଣେ ମହିଳାଙ୍କର ମୃତ୍ୟୁ ହେବା ସହ ୯ ଜଣ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସି କମିଶନର୍ କୌଶଲ ରାଜଶର୍ମାଙ୍କ ସହ ଦୁର୍ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଦୁର୍ଘଟଣାରେ ଆହତ ଲୋକମାନଙ୍କୁ ଚିକିତ୍ସା

ସହାୟତା ଯୋଗାଇଦେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପ୍ରବଳ ବର୍ଷା କାରଣରୁ ଦୁଇଟି ପୁରୁଣା କୋଠା ଆଜି ବଡ଼ି ଭୋର୍ ସମୟରେ ଭୁଶୁଡ଼ି ପଡ଼ିଥିଲା । ସୂଚନା ପାଇ ଘଟଣା ସ୍ଥଳକୁ ପୋଲିସ୍, ଏନ୍.ଡି.ଆର୍.ଏଫ୍. ଦଳ, ଡାକ୍ତର ଏବଂ ଡଗ୍ ସ୍କ୍ୱାଡ୍ ଯାଇଥିଲେ । ବାରାଣାସି କମିଶନର୍ କୌଶଲ ରାଜ ଶର୍ମା କହିଛନ୍ତି, ସୁରକ୍ଷା ଦୃଷ୍ଟିକୋଣରୁ କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ବହୁ ପୁରୁଣା କୋଠାର ମାଲିକମାନଙ୍କୁ ଆସନ୍ତା ଦୁଇରୁ ତିନି ମାସ ମଧ୍ୟରେ ସ୍ଥାନାନ୍ତର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ପ୍ୟାରିସ୍ ଅଲିମ୍ପିକ୍ସ

ଏଥର ପ୍ୟାରିସ୍ ଅଲିମ୍ପିକ୍ସ ସମ୍ପର୍କରେ କିଛି ଖବର ।

ପ୍ୟାରିସ୍ ଅଲିମ୍ପିକ୍ସର ୫୦ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ପ୍ରତିଯୋଗିତାରେ ଭାରତୀୟ ମୁଷ୍ଟିଯୋଦ୍ଧା ଭିନେସ୍ ଫୋଗଟ ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ସେ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ୟୁକ୍ରେନ୍‌ର ଓକ୍ସାନା ଲିଭାଚ୍‌ଙ୍କୁ ୭-୫ ସେଟ୍‌ରେ  ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି । ସେମିଫାଇନାଲ୍‌ରେ ଆଜି ଭିନେସ୍' କ୍ୟୁବାର ଗୁଜମାନ୍ ଲୋପେଜ୍ କିମ୍ବା ଲିଥୁଆନିଆର ଗାବିଜା ଡିଲେଟ୍‌ଙ୍କୁ ଭେଟିବେ । ଭାରତୀୟ

ସମୟ ରାତି ୧୦ଟା ୨୫ ମିନିଟ୍ ସମୟରେ ଚାମ୍-ଡେ-ମାର୍ସ ଆରେନା ଠାରେ ଏହି ଖେଳ ଆରମ୍ଭ ହେବ ।

ସେହିପରି ନିରଜ ଚୋପ୍ରା ଜାଭ୍‌ଲିନ୍ ଥ୍ରୋରେ ୮୯ ଦଶମିକ୍ ୩/୪ ମିଟର ପ୍ରଦର୍ଶନ କରି ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଭାରତର କିଶୋର ଜେନା ଗ୍ରୁପ୍-ଏ ଯୋଗ୍ୟତା ପର୍ଯ୍ୟାୟରେ ୧୫ତମ ସ୍ଥାନରେ ରହିଛନ୍ତି ।

ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଦଳ ୧୬ତମ ରାଉଣ୍ଡରେ ଚୀନ୍ ଠାରୁ ୦/୩ ସେଟ୍‌ରେ ପରାଜୟ ସ୍ୱୀକାର କରିଛି ।

ଭାରତୀୟ ପୁରୁଷ ହକି ଦଳ ଆଜି ସେମିଫାଇନାଲରେ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ଭେଟିବ। ଏହି ମ୍ୟାଚ୍ ୟଭେସ୍-ଡୁ-ମାନୋଇର୍ ଷ୍ଟାଡିୟମରେ ଖେଳାଯିବ। ଭାରତ ଓ ଜର୍ମାନୀ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଭାରତୀୟ ସମୟ ରାତି ୧୦ଟା ୩୦ ମିନିଟରେ ଆରମ୍ଭ ହେବ।

## ଇଣ୍ଡୋ-ନେପାଳ ରେଡ୍ ଆର୍ଲଟ୍

ସେହିପରି ବାଂଲାଦେଶରେ ରହୁଥିବା ନେପାଳ ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଢାକା ସ୍ଥିତ ନେପାଳୀ ଦୂତାବାସ ପକ୍ଷରୁ

ମାର୍ଗଦର୍ଶିକା ଜାରି କରାଯାଇଛି । ବାଂଲାଦେଶ ସ୍ଥିତ ନେପାଳ ଦୂତାବାସ ପକ୍ଷରୁ ଗତକାଲି ନୋଟିସ୍ ମାଧ୍ୟମରେ ବାଂଲାଦେଶରେ ରହୁଥିବା ନେପାଳୀ ନାଗରିକମାନଙ୍କୁ ସୁରକ୍ଷିତ ରହିବା ପାଇଁ ପରାମର୍ଶ ଦିଆଯାଇଛି ଏବଂ ଆବଶ୍ୟକ ସ୍ଥଳେ ଦୂତାବାସର ସହାୟତା ନେବା ଲାଗି କୁହାଯାଇଛି । ବାଂଲାଦେଶରେ ପ୍ରାୟ ୪୦୦ ନେପାଳୀ ବିଭିନ୍ନ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଛନ୍ତି । ସେହିପରି ବାଂଲାଦେଶରେ ରହି ଅଧ୍ୟୟନ କରୁଥିବା ବହୁସଂଖ୍ୟାରେ ଛାତ୍ରୀ ପୂର୍ବରୁ ନେପାଳ ଫେରି ଆସିଥିବା ସୂଚନା ଦିଆଯାଇଛି ।